ଭବିଷ୍ୟତ ସମସ୍ତଙ୍କର



ପ୍ରତିବର୍ଷ ନଭେମ୍ବର ୧୯ରେ ପାଳନ କରାଯାଉଛି 'ଅନ୍ତର୍ଜାତୀୟ ପୁରୁଷ ଦିବସ'। ପରିବାର, କର୍ମକ୍ଷେତ୍ର ଏବଂ ସମାଜ ଗଠନରେ ପୁରୁଷମାନଙ୍କ ସକାରାତ୍ମକ ଅବଦାନ ଓ ତ୍ୟାଗକୁ ସମ୍ମାନ ଜଣାଇବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ଏହା ସହିତ ପୁରୁଷମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ, ଲିଙ୍ଗଗତ ସମାନତା ଏବଂ ସେମାନେ ସମ୍ମୁଖୀନ ହେଉଥିବା ସାମାଜିକ ଚାପ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ଏହିଦିନଟି ଉତ୍ସର୍ଗୀକୃତ। ୧୯୯୨ ଫେବ୍ରୁଆରୀ ୭ରେ ପ୍ରଫେସର ଥୋମାସ ଓଷ୍ଟର ପ୍ରଥମେ ଏହି ଦିବସର ପରିକଳ୍ପନା କରିଥିଲେ। କିନ୍ତୁ ଏହାର ଆଧୁନିକ ଓ ବିଶ୍ୱବ୍ୟାପୀ ଶୁଭାରମ୍ଭ ୧୯୯୯ ନଭେମ୍ବର ୧୯ରେ ତ୍ରିନିଦାଦ ଓ ଟୋବାଗୋର ଇତିହାସ ଅଧ୍ୟାପକ ଜ୍ୟୁର ଜେରୋମ ଚିଲକସିଙ୍କ ଦ୍ୱାରା ହୋଇଥିଲା। ସେ ନିଜ ପିତାଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ଏବଂ ସମାଜରେ ଆଦର୍ଶ ପୁରୁଷଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଏହି ତାରିଖକୁ ବାଛିଥିଲେ। ପରବର୍ତ୍ତୀ ସମୟରେ ୟୁନେସ୍କୋ ମଧ୍ୟ ଏହି ପଦକ୍ଷେପକୁ ସମର୍ଥନ ଜଣାଇଥିଲା। ଭାରତରେ ୨୦୦୭ରୁ ଏହି ଦିବସ ବିଭିନ୍ନ ସଂଗଠନ ଦ୍ୱାରା ପାଳିତ ହେ।ଇ।ଆ।ସୁ।ଛି।

ଅନ୍ତର୍ଜାତୀୟ ପୁରୁଷ ଦିବସ



ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ବା ଥିମ୍ ରହିଛି 'ଭବିଷ୍ୟତ ସମସ୍ତଙ୍କର'। ଏକ ସୁସ୍ଥ, ସନ୍ତୁଳିତ ଏବଂ ପ୍ରଗତିଶୀଳ ସମାଜ ଗଠନ ପାଇଁ ମହିଳାଙ୍କ ସଶକ୍ତୀକରଣ ସହିତ ପୁରୁଷ ଏବଂ ବାଳକମାନଙ୍କୁ ମଧ୍ୟ ସମାନ ସୁଯୋଗ, ସହଯୋଗ ଓ ସମ୍ମାନ ମିଳିବା ଆବଶ୍ୟକ ବୋଲି ଏହି ଥିମ୍ ବାର୍ତ୍ତା ଦେଉଛି। ଆଜିର ବ୍ୟସ୍ତବହୁଳ ଜୀବନରେ ପୁରୁଷମାନେ ଅନେକ ସମୟରେ ନିଜର ମାନସିକ ଯନ୍ତ୍ରଣା ଓ ଭାବନାକୁ ଲୁଚାଇ ରଖନ୍ତି। ତେଣୁ ପୁରୁଷଙ୍କ ମାନସିକ ସ୍ୱାସ୍ଥ୍ୟ ଉପରେ ଖୋଲାଖୋଲି ଆଲୋଚନା କରିବା ଏବଂ ଏକ ସମ୍ବେଦନଶୀଳ ସମାଜ ଗଠନ ପାଇଁ ଏହି ଦିବସ ପ୍ରେରଣା ଦିଏ।

ସୁରକ୍ଷିତ ଶୌଚାଳୟ, ସମାନ ଭବିଷ୍ୟତ

ବିଶ୍ୱ ଶୌଚାଳୟ ଦିବସ



ପ୍ରତିବର୍ଷ ନଭେମ୍ବର ୧୯ରେ ପାଳନ କରାଯାଉଛି 'ବିଶ୍ୱ ଶୌଚାଳୟ ଦିବସ'। ବିଶ୍ୱର ପ୍ରତ୍ୟେକ ବ୍ୟକ୍ତିଙ୍କୁ ସୁରକ୍ଷିତ ଏବଂ ସ୍ୱଚ୍ଛ ପରିମଳ ବ୍ୟବସ୍ଥା ଯୋଗାଇ ଦେବା ସହ ବାହାରେ ମଳତ୍ୟାଗ ବନ୍ଦ କରିବା ଏହି ଦିବସର ମୁଖ୍ୟ ଉଦ୍ଦେଶ୍ୟ। ୨୦୦୧ ନଭେମ୍ବର ୧୯ରେ ସିଙ୍ଗାପୁରର ସମାଜସେବୀ ଜ୍ୟାକ ସିମ୍ 'ୱାର୍ଲ୍ଡ ଟଏଲେଟ ଅର୍ଗାନାଇଜେଶନ' ପ୍ରତିଷ୍ଠା କରି ଏହି ଦିବସ ପାଳନ ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୧୩ରେ ମିଳିତ ଜାତିସଂଘ ସାଧାରଣ ପରିଷଦ ଏହାକୁ ଏକ ଆନୁଷ୍ଠାନିକ ଅନ୍ତର୍ଜାତୀୟ ଦିବସ ଭାବେ ସ୍ୱୀକୃତି ଦେଇଥିଲା। ଚଳିତ ବର୍ଷ ଏହି ଦିବସ ଲାଗି ବିଷୟବସ୍ତୁ ରହିଛି 'ପରିମଳ ଓ ଲିଙ୍ଗଗତ ସମାନତା' ଏବଂ ଏହାର ଅଭିଯାନର ବାର୍ତ୍ତା ହେଉଛି 'ସୁରକ୍ଷିତ ଶୌଚାଳୟ, ସମାନ ଭବିଷ୍ୟତ'। ସୁରକ୍ଷିତ ଓ ସ୍ୱଚ୍ଛ ଶୌଚାଳୟ କିପରି ମହିଳା ଏବଂ ବାଳିକାମାନଙ୍କ ସ୍ୱାସ୍ଥ୍ୟ, ସୁରକ୍ଷା ଓ ସମ୍ମାନ ରକ୍ଷା କରିବା ସହ ସେମାନଙ୍କୁ ଶିକ୍ଷା ଓ କର୍ମକ୍ଷେତ୍ରରେ ଆଗକୁ ବଢ଼ିବାକୁ ସହାୟକ ହୁଏ, ତାହା ଉପରେ ଏଥର ବିଶେଷ ଗୁରୁତ୍ୱ ଦିଆଯାଇଛି। ଆଜିମଧ୍ୟ ବିଶ୍ୱର ପ୍ରାୟ ୩.୪ ବିଲିୟନ ଲୋକ ସୁରକ୍ଷିତ ଶୌଚାଳୟ ସୁବିଧାରୁ ବଞ୍ଚିତ। ତେଣୁ ଏକ ସୁସ୍ଥ, ସ୍ୱଚ୍ଛ ଏବଂ ସମାନ ସମାଜ ଗଠନ ପାଇଁ ପ୍ରତ୍ୟେକ ଘରେ ତଥା ସାର୍ବଜନୀନ ସ୍ଥାନରେ ସୁରକ୍ଷିତ ଶୌଚାଳୟ ନିର୍ମାଣ ଓ ବ୍ୟବହାର ଅତ୍ୟନ୍ତ ଜରୁରୀ।

ଓଡ଼ିଶାର ନ୍ୟାଯ୍ୟ ଜଳ ଅଧିକାର ସହ ସାଲିସ ହେବ ନାହିଁ: କଂଗ୍ରେସ

ମହାନଦୀ ଜଳ ବିବାଦ

ସମ୍ବଲପୁର,୧୮।୧୧(ପ୍ରମୋଦ ବହିଦାର)

ମହାନଦୀ ଓଡ଼ିଶାର ଜୀବନରେଖା ଏବଂ ଏହାର ଜଳ ଉପରେ ରାଜ୍ୟର କୃଷି, ପାନୀୟ ଜଳ, ମତ୍ସ୍ୟଜୀବୀଙ୍କ ଜୀବିକା ଓ ଅର୍ଥନୀତି ନିର୍ଭରଶୀଳ। ମହାନଦୀ ଜଳ ବିବାଦ କେବଳ ୨ଟି ରାଜ୍ୟ ମଧ୍ୟରେ ଜଳ ବଣ୍ଟନର ପ୍ରଶ୍ନ ନୁହେଁ, ବରଂ ଓଡ଼ିଶାର ଭବିଷ୍ୟତ ଓ ଜଳ ସୁରକ୍ଷାର ପ୍ରଶ୍ନ। ତେଣୁ ମହାନଦୀର ଜଳ ଉପରେ ଓଡ଼ିଶାର ନ୍ୟାଯ୍ୟ ଅଧିକାର ସହ କୌଣସି ସାଲିସ କରାଯିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ସ୍ପଷ୍ଟ କରାଯାଇଛି। ସମ୍ବଲପୁର ଗସ୍ତରେ ଆସି ପୂର୍ବତନ ଏମ୍ପି ଓ ମନ୍ତ୍ରୀ ତଥା ଓଡ଼ିଶା ପ୍ରଦେଶ କଂଗ୍ରେସ ରାଜନୈତିକ ବ୍ୟାପାର(ପଲିଟିକାଲ ଆଫେୟାର୍ସ) କମିଟିର ସଦସ୍ୟ ଜଗନ୍ନାଥ ପଟ୍ଟନାୟକ ଗଣମାଧ୍ୟମ ସହିତ ଏକ ଅନୌପଚାରିକ ସାକ୍ଷାତକାର ସମୟରେ ଏଭଳି ମତ ଦେଇଛନ୍ତି। ସେ କହିଛନ୍ତି, ଦୀର୍ଘବର୍ଷ ଧରି ଚାଲିଥିବା ଏହି ବିବାଦର ସମାଧାନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆଲୋଚନା ସ୍ୱାଗତଯୋଗ୍ୟ। ହେଲେ ରାଜନୈତିକ ସୁଧାମଣା ନାମରେ ଓଡ଼ିଶାର ସ୍ୱାର୍ଥକୁ ବଳି ଦିଆଯାଇପାରିବ ନାହିଁ। ଛତିଶଗଡ଼ର ଉପର ମହାନଦୀ



ପୂର୍ବତନ ଏମ୍ପି ଓ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଜଗନ୍ନାଥ ପଟ୍ଟନାୟକ।

ଅବବାହିକାରେ ନିର୍ମିତ ସମସ୍ତ ବନ୍ଧ, ବ୍ୟାରେଜ ଓ ଜଳ ଅପସାରଣ ପ୍ରକଳ୍ପର ନିମ୍ନ ଅବବାହିକା ଉପରେ ପଡୁଥିବା ସାମଗ୍ରିକ ପ୍ରଭାବର ଆକଳନ କରାଯିବା ସହ ମହାନଦୀର ସ୍ୱାଭାବିକ ପ୍ରବାହ, ଜୈବ ବିବିଧତା ଓ ନଦୀ ଉପରେ ନିର୍ଭରଶୀଳ ଲୋକଙ୍କ ଜୀବିକାର ସୁରକ୍ଷା ପାଇଁ ସର୍ବନିମ୍ନ ପରିବେଶୀୟ ଜଳପ୍ରବାହକୁ ଆଇନଗତ ଭାବେ ସୁନିଶ୍ଚିତ କରାଯିବା ଉଚିତ। କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲ୍ୟୁସି) ପ୍ରସ୍ତୁତ କରିଥିବା ଜଳ ବଣ୍ଟନ ପ୍ରସ୍ତାବ, ସମ୍ପୂର୍ଣ୍ଣ ବୈଷୟିକ ରିପୋର୍ଟ ଓ ଜଳବୈଜ୍ଞାନିକ ତଥ୍ୟକୁ ସାର୍ବଜନୀନ କରାଯିବା ସହ ଓଡ଼ିଶାବାସୀଙ୍କୁ ଅନ୍ଧାରରେ ରଖି କୌଣସି ଚୁକ୍ତି ନ କରିବାକୁ ଦଳ ପକ୍ଷରୁ କମିଟି ସଦସ୍ୟ ପଟ୍ଟନାୟକ ଦାବି କରିଛନ୍ତି। ଏହାସହ ମହାନଦୀ ବଞ୍ଚାଅ ଆନ୍ଦୋଳନର ଦାବିକୁ ସମର୍ଥନ ଜଣାଇ ଅଣମୌସୁମୀ ସମୟରେ(ନଭେମ୍ବରରୁ ମେ ପର୍ଯ୍ୟନ୍ତ) ଓଡ଼ିଶା ପାଇଁ ସର୍ବନିମ୍ନ ୨ ନିୟୁତ ଏକର ଫୁଟ (ଏମ୍ଏଏଫ୍) ଜଳ ସୁନିଶ୍ଚିତ କରିବା, ଛତିଶଗଡ଼ର ଜଳ ଉପଲବ୍ଧତା ଓ ଉପର ଅବବାହିକାରେ ନିର୍ମିତ ସମସ୍ତ ବନ୍ଧ ଓ ବ୍ୟାରେଜର ସାମଗ୍ରିକ ପ୍ରଭାବର ନିରପେକ୍ଷ ବୈଜ୍ଞାନିକ ଆକଳନ କରିବା ଏବଂ ନଦୀର ସ୍ୱାଭାବିକ ପ୍ରବାହ, ଜୈବବିବିଧତାର ସୁରକ୍ଷା ପାଇଁ ସର୍ବନିମ୍ନ ପରିବେଶୀୟ ଜଳପ୍ରବାହକୁ ଆଇନଗତ ଭାବେ ସୁନିଶ୍ଚିତ କରିବାକୁ ସେ ଦାବି କରିଛନ୍ତି। ରାଜ୍ୟ ସରକାର ଏ ସମ୍ପର୍କରେ ଏକତରଫା ନିଷ୍ପତ୍ତି ନ ନେଇ ବରଂ ସମସ୍ତ ରାଜନୈତିକ ଦଳ, ଜଳ ବିଶେଷଜ୍ଞ, ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ନାଗରିକ ସମାଜର ପ୍ରତିନିଧିମାନଙ୍କ ସହ ଆଲୋଚନା କରନ୍ତୁ। ନଚେତ ଯଦି ପ୍ରସ୍ତାବିତ ଜଳ ଆବଣ୍ଟନ ବ୍ୟବସ୍ଥାରେ ଓଡ଼ିଶାର ଅଧିକାର କ୍ଷୁଣ୍ଣ ହୁଏ, ତେବେ ତାହାକୁ ଗ୍ରହଣ ନ କରି ଆଇନଗତ ଲଢ଼େଇ ଜାରି ରଖନ୍ତୁ ବୋଲି କଂଗ୍ରେସ ପକ୍ଷରୁ ସେ ସରକାରଙ୍କୁ ପରାମର୍ଶ ଦେଇଛନ୍ତି।

ହାତୀ ଆକ୍ରମଣରେ ରେଲ୍‌ୱେ ମହିଳା କର୍ମଚାରୀ ମୃତ

ରାଉରକେଲା/ବନ୍ଧମୁଣ୍ଡା, ୧୮।୧୧ (ସଙ୍ଗୀତା ଜେନା/ ସୁବ୍ରତ ଦେ)

ରାଉରକେଲା ନିକଟସ୍ଥ ବନ୍ଧମୁଣ୍ଡାରେ ବୁଧବାର ଭୋର ସମୟରେ ହାତୀ ଆକ୍ରମଣରେ ରେଲୱେ ମହିଳା କର୍ମଚାରୀ ମରିୟମ ଲାକ୍ରା(୫୬)ଙ୍କ ମୃତ୍ୟୁ ଘଟିଛି। ସେ ୨ଦିନ ପୂର୍ବରୁ ଚକ୍ରଧରପୁରରୁ ବନ୍ଧମୁଣ୍ଡା ନିକଟସ୍ଥ ନିଜ ଘରକୁ ଆସିଥିଲେ। ବୁଧବାର ଭୋର ୪ଟାରେ ଡ୍ୟୁଟିରେ ଯୋଗଦେବା ପାଇଁ ଚକ୍ରଧରପୁରକୁ ଯିବା ଉଦ୍ଦେଶ୍ୟରେ ବନ୍ଧମୁଣ୍ଡା ରେଳଷ୍ଟେଶନକୁ ଯାଉଥିଲେ। ରେଳୟାର୍ଡ ରାସ୍ତାରେ ହାତୀ ତାଙ୍କୁ ଆକ୍ରମଣ କରିଥିଲା। ସକାଳେ ଅନ୍ୟ ରେଳ କର୍ମଚାରୀ ତାଙ୍କ ମୃତଦେହ ପଡ଼ିଥିବା ଦେଖିଥିଲେ। ଖବରପାଇ ବନବିଭାଗ କର୍ମଚାରୀ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବନ୍ଧମୁଣ୍ଡା ଜିଆର୍‌ପି ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରିଥିଲା। ବନବିଭାଗ ପକ୍ଷରୁ ହାତୀ ଆକ୍ରମଣରେ ମୃତ୍ୟୁ ଘଟିଥିବାର ପ୍ରମାଣ ନାହିଁ ବୋଲି କୁହାଯିବା ପରେ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ବନ ବିଭାଗ କର୍ମଚାରୀଙ୍କ ବିରୋଧରେ ବିକ୍ଷୋଭ ସହ କ୍ଷତିପୂରଣ ଦାବି କରିଥିଲେ। ସ୍ଥାନୀୟ ପୋଲିସର ବୁଝାଶୁଝା ପରେ ଦିନ ପ୍ରାୟ ୧ଟାରେ ପରିସ୍ଥିତି ଶାନ୍ତ ହୋଇଥିଲା। ପାନପୋଷ ରେଞ୍ଜ ଅଫିସର ଶୁଚିସ୍ମିତା ଦାସ କହିଛନ୍ତି, ମୃତଦେହ ନିକଟରେ ହାତୀ ମାରିଥିବା କୌଣସି ପ୍ରମାଣ ମିଳିନାହିଁ। ଜିଆର୍‌ପି ଥାନାକୁ ମାମଲା ହସ୍ତାନ୍ତର କରାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ, ପୋଲିସ ଯାଞ୍ଚ ରିପୋର୍ଟକୁ ଆଧାର କରି ମୃତକଙ୍କ ପରିବାରବର୍ଗଙ୍କୁ ଅନୁକମ୍ପାମୂଳକ ରାଶି ପ୍ରଦାନ ପାଇଁ ନିଷ୍ପତ୍ତି ନିଆଯିବ।

ଛତିଆର 'ଧରିତ୍ରୀ' ଖବରଦାତାଙ୍କ ପରଲୋକ

ଚଣ୍ଡିଖୋଲ,୧୮।୧୧(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆର 'ଧରିତ୍ରୀ' ଖବରଦାତା ସୌମ୍ୟରଞ୍ଜନ ସାହୁ(୪୦)ଙ୍କ ବୁଧବାର ସକାଳେ ପରଲୋକ ହୋଇଯାଇଛି। ସେ ଖବରକାଗଜ ରହଣି ସ୍ଥାନକୁ ଯାଇଥିଲେ। ସେଠାରୁ ଫେରି ଛତିଆ ବଡ଼ପେ।ଖରୀକୁ ଶୌଚ ହେବାକୁ ଯାଇଥିଲେ। ଏହି ସମୟରେ ଗୋଡ଼ ଖସିଯିବାରୁ ସେ ପୋଖରୀର ଗଭୀର ଜଳକୁ ଚାଲି ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


ସୌମ୍ୟରଞ୍ଜନ ସାହୁ

ସୌମ୍ୟରଞ୍ଜନ ଖବରଦାତା ସହ ଜଣେ କଳାକାର ଭାବେ ଛତିଆ ଅଞ୍ଚଳରେ ବେଶ୍ ପରିଚିତ ଥିଲେ। ବିଭିନ୍ନ ସ୍ଥାନକୁ ଧର୍ମଚର୍ଚ୍ଚା, ହନୁମାନ ଚାଳିଶା ପାଠ ଓ ସୁନ୍ଦରା କାଣ୍ଡ ପାଠ କରିବା ପାଇଁ ଯାଉଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକ ଖବର ପାଇ ଛତିଆ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମିତିସଭ୍ୟ ଦୀପକ ସାହୁ, ବ୍ଲକ ଯୁବ ବିଜେଡି ସଭାପତି ପ୍ରଦୀପ ମହାନ୍ତି, ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ସମ୍ପାଦକ ବେଣୁଧର ପଣ୍ଡା, ଖବରଦାତା ଭକ୍ତଚରଣ ସାହୁ, ପ୍ରଦୀପ୍ତ କୁମାର ପୃଷ୍ଟି, ଦିଲୀପ କୁମାର ମହାନ୍ତି, ହେମନ୍ତ କୁମାର ଦାସ, ଅବିନେଶ୍ୱର ଶତପଥୀ, ବିମଳ ପ୍ରଧାନ ପ୍ରମୁଖ ବହୁ ଖବରଦାତା, ଜନପ୍ରତିନିଧି ପହଞ୍ଚି ତାଙ୍କ ଶେଷ ଦର୍ଶନ କରିବା ସହ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କର ଏକମାତ୍ର କୁନିପୁଅ ମୃତ୍ୟୁଞ୍ଜୟ ମୁଖାଗ୍ନି ଦେଇଥିଲେ।

୩୦ ଯାଏ ବଢ଼ିଲା ଦଶମ ବୋର୍ଡ ପରୀକ୍ଷା ଫର୍ମ ପୂରଣ ଅବଧି

କଟକ,୧୮।୧୧(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାର ଫର୍ମ ପୂରଣ ଅବଧି ନଭେମ୍ବର ୩୦ ତାରିଖ ଯାଏ ବଢ଼ାଇ ଦିଆଯାଇଛି। ଏହାଦ୍ୱାରା ୨୦୨୭ରେ ପରୀକ୍ଷା ଦେବାକୁ ଥିବା ବାର୍ଷିକ ହାଇସ୍କୁଲ ସାର୍ଟିଫିକେଟ, ମଧ୍ୟମା ଓ ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଫର୍ମ ପୂରଣ ନିମନ୍ତେ ଅଧିକ ଦିନ ସମୟ ପାଇବେ। ତେବେ ଅନିବାର୍ଯ୍ୟ କାରଣବଶତଃ ଏହିସମୟସୀମା ବର୍ଦ୍ଧିତ କରାଯାଇଥିବା ବୋର୍ଡ ସଭାପତିଙ୍କ ପକ୍ଷରୁ ପ୍ରେସ୍ ଇସ୍ତାହାରରେ ବୁଧବାର ସୂଚନା ଦିଆଯାଇଛି।

ତିର୍ତ୍ତୋଲ ଘଟଣାରେ ପୋଲିସ, ପ୍ରଶାସନିକ କଳର ଅପବ୍ୟବହାର ହେଉଛି: ବିଜେଡି

ଭୁବନେଶ୍ୱର, ୧୮।୧୧(ସୁନିଲ୍ ମିଶ୍ର)

ଜଗତସିଂହପୁର ଜିଲା ତିର୍ତ୍ତୋଲ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରଘୁନାଥପୁର ବ୍ଲକ ଜନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନଭେମ୍ବର ୧୩ରେ ଘଟିଥିବା ଘଟଣାକୁ ନେଇ ପୋଲିସ ଓ ପ୍ରଶାସନିକ କଳର ଅପବ୍ୟବହାର କରାଯାଇଥିବା ବିଜେଡି ଅଭିଯୋଗ କରିଛି। ଶଙ୍ଖ ଭବନଠାରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ବିରୋଧୀ ଦଳର ନିର୍ବାଚିତ ପ୍ରତିନିଧିମାନଙ୍କୁ ରାଜନୈତିକ ଆକ୍ରୋଶ ରଖି ଗିରଫ ଓ ଭୟଭୀତ କରିବା ହୀନମନ୍ୟତାର ପରିଚୟ। ଗତ ୧୩ ତାରିଖରେ ରଘୁନାଥପୁର ବିଡିଓଙ୍କ କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ, ସରପଞ୍ଚ, ଜିଲା ପରିଷଦ ସଦସ୍ୟ ଓ ଅନ୍ୟ ନିର୍ବାଚିତ ଜନପ୍ରତିନିଧିମାନେ ଯୋଗଦେଇଥିଲେ। ବ୍ଲକରେ ବିକାଶମୂଳକ କାର୍ଯ୍ୟ ହୋଇପାରୁ ନ ଥିବା ଅଧିକାରୀମାନେ କହିଥିଲେ। ଏହାପରେ ବିଧାୟକ ରମାକାନ୍ତ ଭୋଇ ଉତ୍ତେଜିତ ହୋଇ ଯୁକ୍ତିତର୍କ କରିବା ସହ ବୈଠକ ଛାଡ଼ି ପଳାଇଥିଲେ। କାର୍ଯ୍ୟାଳୟ ବାହାରେ କିଛି ଲୋକ ବିଧାୟକଙ୍କ ଆଚରଣକୁ ପ୍ରଶ୍ନ କରି ସ୍ଲୋଗାନ ଦେଇଥିଲେ। ବିଜେଡି ଟିକେଟ୍‌ରେ ରମାକାନ୍ତ ଭୋଇ ବିଜୟୀ ହେବାପରେ ରାଜ୍ୟ ସଭା ନିର୍ବାଚନରେ କ୍ରସ୍‌ଭୋଟିଂ କରିଥିବାରୁ ଏହାକୁ ନେଇ ଅନେକ ପ୍ରଶ୍ନ ଉଠାଇଥିଲେ। ଗତ ୧୪ରେ ବିଧାୟକଙ୍କ ପକ୍ଷରୁ ବ୍ଲକ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ବିରୋଧରେ ଏତଲା ଦିଆଯାଇଥିଲା। ଏହି ଏତଲାରେ ପ୍ରାୟ ୪୦ଟି ଦଫା ଲଗାଯାଇଛି। ଏଥିରେ ହତ୍ୟା ଉଦ୍ୟମ, ଡକାୟତି, ଅସ୍ତ୍ରଶସ୍ତ୍ର ଆଇନ ଏବଂ ଏସ୍‌ସି, ଏସ୍‌ଟି ଆଇନ ଭଳି ସଙ ଦଫା ସାମିଲ କରାଯାଇଛି। ଏହାପରେ ବ୍ଲକ ଉପାଧ୍ୟକ୍ଷଙ୍କ ସମେତ ୫ ଜଣଙ୍କୁ ଗିରଫ କରାଯାଇଛି। ପୋଲିସର ଏଭଳି ତତ୍ପରତା ଓ ପକ୍ଷପାତିତାମୂଳକ କାର୍ଯ୍ୟାନୁଷ୍ଠାନକୁ ବିଜେଡି ନିନ୍ଦା କରୁଛି ବୋଲି ଲେଖାଶ୍ରୀ କହିଛନ୍ତି।

ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ

Phone: 8249097452, e-mail: nackhrd@rediffmail.com

ଟେଣ୍ଡର ନୋଟିସ

ସଂଖ୍ୟା: ୪୬୮୧ ତାରିଖ: ୧୩।୦୯।୨୦୨୬

No. 13001/2489/2627: ଏତଦ୍ୱାରା ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ ଅନ୍ତର୍ଗତ ୱାର୍ଡ ନଂ. ୪, ୧୪, ୧୫ ଓ ୧୮ସ୍ଥିତ ନିମ୍ନରେ ବର୍ଣ୍ଣନା କରାଯାଇଥିବା ଦୋକାନ ଗୃହର ଜୁଡ଼ିକ ଲାଇସେନ୍ସ ପୁନଃରେ ଆବଣ୍ଟନ କରିବା ପାଇଁ ସର୍ବସାଧାରଣଙ୍କଠାରୁ ସର୍ବୋଚ୍ଚ ଅମାନତ ଜମା (Security Deposit) ଗୃହଣ ନିମନ୍ତେ ବନ୍ଦ ଲଫାପାରେ ଟେଣ୍ଡର (ଡାକ ମୂଲ୍ୟ) ଆହ୍ୱାନ କରୁଛନ୍ତି। ଦୋକାନ ଗୃହର ଅବସ୍ଥିତି, ମାପ ଓ ମୂଳ ଅମାନତ ଜମା ରାଶି ମୂଲ୍ୟ (Upset Price) ନିମ୍ନରେ ଉଲ୍ଲେଖ କରାଯାଇଛି। ନିଲାମ ସମ୍ବନ୍ଧୀୟ ବିବରଣୀ ତଳଲିଖିତ ସାରଣୀରେ ଦିଆଯାଇଛି। ନିଲାମରେ ଭାଗ ନେବାକୁ ଇଚ୍ଛୁକ ବ୍ୟକ୍ତି ପରିଷଦ କାର୍ଯ୍ୟାଳୟର କାର୍ଯ୍ୟ ଦିବସମାନଙ୍କରେ ଟେଣ୍ଡର ସମ୍ବନ୍ଧୀୟ ଅନ୍ୟାନ୍ୟ ସର୍ତ୍ତାବଳୀ ପରିଷଦ କାର୍ଯ୍ୟାଳୟ ତାଂ୧୬।୧୧।୨୦୨୬ଠାରୁ ତାଂ୨୬।୧୧।୨୦୨୬ କାର୍ଯ୍ୟ ଦିବସଗୁଡ଼ିକରେ ପ୍ରାପ୍ତ ପରିପାରିବେ କିମ୍ବା ଜିଲ୍ଲାପାଳ, ନୂଆପଡ଼ା ଓ୍ୱେବସାଇଟ୍ www.nuapada.odisha.gov.in ରୁ ଦେଖିପାରିବେ ଅଥବା କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଝୁଲାଇ ଦିଆଯାଇଥିବା ନିଲାମ ଇସ୍ତାହାରକୁ ପଢ଼ି ବୁଝିପାରିବେ।

ଉକ୍ତ ଟେଣ୍ଡର ନିମନ୍ତେ ଧାର୍ଯ୍ୟ ଫର୍ମ ମୂଲ୍ୟ (ଅଣ ଫେରସ୍ତ) ପରିଷଦର କାର୍ଯ୍ୟାଳୟଙ୍କ ନିକଟରେ ଡିମାଣ୍ଡ ଡ୍ରାଫ୍ଟ/ବ୍ୟାଙ୍କର୍ସ ଚେକ୍/ନଗଦ ଟଙ୍କା ଦେଇ ତାଂ୨୬।୧୧।୨୦୨୬ରିଖ ଅପରାହ୍ନ ଘ.୫.୦୦ମି. ସମୟ ମଧ୍ୟରେ କ୍ରୟ କରିପାରିବେ। ଇଚ୍ଛୁକ ଆବେଦନକାରୀ ତାଙ୍କର ନିଜସ୍ୱ ଡାକମୂଲ୍ୟ (ଧାର୍ଯ୍ୟ ହୋଇଥିବା ରାଶିଠାରୁ ଅଧିକ) ବିହିତ ଫର୍ମରେ ଉଲ୍ଲେଖ କରି ବନ୍ଦ ଲଫାପା ମଧ୍ୟରେ ରେଜିଷ୍ଟ୍ରି ପୋଷ୍ଟ/ସ୍ପିଡ଼ ପୋଷ୍ଟରେ କାର୍ଯ୍ୟନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଖରିଆର ରୋଡ, ଜିଲ୍ଲା: ନୂଆପଡ଼ାଙ୍କ ନାମରେ ତାଂ୨୬।୧୧।୨୦୨୬ରିଖ ଅପରାହ୍ନ ଘ.୫.୦୦ଟିକା ସମୟ ସୁଦ୍ଧା ପଠାଇବେ। ଏହି ସମୟ ସୀମା ପରେ କାହାରି ଫର୍ମ ଗୃହଣ କ